# NATIONAL NEWS BULLETIN (ODIA)

## 6 July - 2026

## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ର ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆଜି ଇଣ୍ଡୋନେସିଆରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।
- ୬ଟି ଦେଶର ରାଷ୍ଟ୍ରଦୂତ ଆଜି ନିଜ ନିଜ ପରିଚୟପତ୍ର ପ୍ରଦାନ କଲେ ରାଷ୍ଟ୍ରପତିଙ୍କୁ ।
- ରେଳବାଇ କ୍ଷେତ୍ରରେ ସମଗ୍ର ଦେଶକୁ ଯୋଡ଼ିବା ଲାଗି ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାର ଲକ୍ଷ୍ୟ ରଖିଛନ୍ତି ପ୍ରଧାନମନ୍ତ୍ରୀ, କହିଲେ ରେଳମନ୍ତ୍ରୀ ।

– ଆଜି ପୁରୀ ଓ ବ୍ରହ୍ମପୁରଠାରେ ଦୁଇଟି ଟ୍ରେନ୍‌ର ହେଲା ଶୁଭାରମ୍ଭ ।

ଏବଂ

- ଫିଫା ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ରାଉଣ୍ଡ ସିକ୍ସଟିନ୍‌ରେ ଆଜି ରାତିରେ ପର୍ତ୍ତୁଗାଲ ସ୍ପେନ୍‌କୁ ଭେଟିବାକୁ ଥିବାବେଳେ ଆସନ୍ତାକାଲି ଆମେରିକା ଓ ବେଲ୍‌ଜିୟମ୍ ଭିତରେ ହେବ ମୁକାବିଲା ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୬ ଦିନିଆ ତ୍ରିରାଷ୍ଟ୍ର ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆଜି ଇଣ୍ଡୋନେସିଆରେ ପହଞ୍ଚିଛନ୍ତି । ରାଜଧାନୀ ଜାକର୍ତା ବିମାନ ବନ୍ଦରରେ ପହଞ୍ଚିବା ପରେ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରାବୋଓ୍ୱୋ ସୁବିଆନ୍ତୋ ଶ୍ରୀ ମୋଦୀଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ଇଣ୍ଡୋନେସିଆବାସୀ ଏବଂ ଭାରତୀୟ ସମ୍ପ୍ରଦାୟଙ୍କ ପକ୍ଷରୁ ଉଭୟ ଭାରତୀୟ ଓ ଇଣ୍ଡୋନେସିଆର ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି ।

ଏହା ହେଉଛି, ପ୍ରଧାନମନ୍ତ୍ରୀଙ୍କର ଚତୁର୍ଥ ଇଣ୍ଡୋନେସିଆ ଗସ୍ତ । ୨୦୧୮ ମେ ମାସରେ ଭାରତ-ଇଣ୍ଡୋନେସିଆ ସମ୍ପର୍କକୁ ସମନ୍ୱିତ ରଣନୈତିକ ଭାଗିଦାରୀ ସ୍ତରରେ ପହଞ୍ଚାଇବା ପରେ ଏହା ଶ୍ରୀ ମୋଦୀଙ୍କର ପ୍ରଥମ ଦ୍ୱିପକ୍ଷିୟ ଗସ୍ତ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଇଣ୍ଡୋନେସିଆର ରାଷ୍ଟ୍ରପତିଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷିୟ ପ୍ରସଙ୍ଗରେ ଆଲୋଚନା କରିବା ସହିତ ଦୁଇ ଦେଶର ଭାଗିଦାରର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାଂସ୍କୃତିକ ଏବଂ ଐତିହାସିକ ସହର ଯୋଗକର୍ତ୍ତା ଗସ୍ତ କରି ପ୍ରମ୍ବାନନ ମନ୍ଦିର ପରିଦର୍ଶନ କରିବେ । ଭାରତ ଓ ଇଣ୍ଡୋନେସିଆ ସହଯୋଗରେ ସେଠାକାର ସଂରକ୍ଷଣ କାର୍ଯ୍ୟ

କରାଯିବ । ଏହାଛଡ଼ା ଜାକର୍ତାଠାରେ ଶ୍ରୀ ମୋଦୀ ଭାରତୀୟ ସମ୍ପ୍ରଦାୟଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି ।

ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଛନ୍ତି, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋଓ୍ୱ ସୁବିଆନ୍ତୋଙ୍କ ଆମନ୍ତ୍ରଣ କ୍ରମେ ସେ ଆଜିଠାରୁ ୮ ତାରିଖ ପର୍ଯ୍ୟନ୍ତ ଇଣ୍ଡୋନେସିଆ ଗସ୍ତ କରୁଛନ୍ତି । ୨୦୧୮ ମସିହାରେ ଇଣ୍ଡୋନେସିଆ ଗସ୍ତ କାଳରେ ଉଭୟ ଦେଶ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ଦୃଢ଼ କରିବା ଉଦ୍ଦେଶ୍ୟରେ ସେ ଏହି ଯାତ୍ରା କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୮ ତାରିଖ ଶ୍ରୀ ମୋଦୀ ତିନିଦିନିଆ ଗସ୍ତରେ ଯାଇ ମେଲ୍‌ବୋର୍ଣ୍ଣରେ ପହଞ୍ଚିବେ । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନିଜ୍‌ଙ୍କ ସହ ଶ୍ରୀ ମୋଦୀ ତୃତୀୟ ଭାରତ-ଅଷ୍ଟ୍ରେଲିଆ ବାର୍ଷିକ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ । ଏହି ସମ୍ମିଳନୀରେ ଉଭୟ ଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ସାଇବର ସୁରକ୍ଷା, ନିରନ୍ତର ଯୋଗାଣ ଶୃଙ୍ଖଳ, ପ୍ରଯୁକ୍ତିବିଦ୍ୟା ଆଦି ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହେବ । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତ-ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସମ୍ମିଳନୀରେ ଅଂଶଗ୍ରହଣ କରିବା ସହ ଉଭୟ ଦେଶର ବ୍ୟାବସାୟିକ ନେତୃବୃନ୍ଦଙ୍କୁ

ସମ୍ବୋଧନ କରିବେ । ସେଠାରେ ମଧ୍ୟ ପ୍ରବାସୀ ଭାରତୀୟମାନଙ୍କୁ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ତ୍ରିରାଷ୍ଟ୍ରୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଆସନ୍ତା ୧୦ ଓ ୧୧ ତାରିଖ ଦୁଇଦିନ ପ୍ରଧାନମନ୍ତ୍ରୀ ନ୍ୟୁଜିଲାଣ୍ଡ ଗସ୍ତ କରିବେ । ଏହି ଅବସରରେ ସେ ତାଙ୍କ ପ୍ରତିପକ୍ଷ କ୍ରିଷ୍ଟୋଫର ଲକ୍ସନ୍‌ଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିବେ । ଗତ ଦୁଇ ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଓ ପ୍ରତିରକ୍ଷା ସମେତ ଅନ୍ୟାନ୍ୟ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଉଭୟ ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି । ଗତ ୪୦ ବର୍ଷ ମଧ୍ୟରେ ଏହା ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ନ୍ୟୁଜିଲାଣ୍ଡ ଗସ୍ତ ହେବ । ଏହି ଅବସରରେ ଶ୍ରୀ ମୋଦୀ ପ୍ରମୁଖ ଶିଳ୍ପପତି ଏବଂ ବିଶିଷ୍ଟ କ୍ରୀଡ଼ାବିତ୍‌ମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ୬ଟି ରାଷ୍ଟ୍ରର ରାଷ୍ଟ୍ରଦୂତମାନଙ୍କର ପରିଚୟପତ୍ର ଗ୍ରହଣ କରିଛନ୍ତି । ଏହି ରାଷ୍ଟ୍ରଗୁଡ଼ିକ ହେଲା ମୋଜାମ୍ବିକ୍, ନିକାରାଗୁଆ, ସୁରିନେମ୍, ଗାବୋନିଜ୍, ମଙ୍ଗୋଲିଆ ଏବଂ ବାହାମାସ । ରାଷ୍ଟ୍ରପତି ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଏହିସବୁ

ଦେଶର ରାଷ୍ଟ୍ରଦୂତମାନେ ନିଜ ନିଜର ପରିଚୟପତ୍ର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ପ୍ରଦାନ କରିଛନ୍ତି ।

## ଗୋୟଲ-ଆଇଆଇଏମ୍ ଉଦୟପୁର

ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ତଥା ଦ୍ୱିଭାଷୀ ମ୍ୟାନେଜ୍‌ମେଣ୍ଟ ଶିକ୍ଷା ବ୍ୟବସ୍ଥା ଗ୍ରାମୀଣ ଓ ସହରାଞ୍ଚଳ ମଧ୍ୟରେ ଥିବା ଦୂରତ୍ୱକୁ ହ୍ରାସ କରିବାରେ ସହାୟକ ହେବ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ମତବ୍ୟକ୍ତ କରିଛନ୍ତି । ଆଜି ନୂଆଦିଲ୍ଲୀରୁ ଭର୍ଚୁଆଲ୍ ମାଧ୍ୟମରେ ଉଦୟପୁର ସ୍ଥିତ ଆଇ.ଆଇ.ଏମ୍.ର ଏକ ନୂତନ ପାଠ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ସେ ଏହା କହିଛନ୍ତି ।

ଶ୍ରୀ ଗୋୟଲ କହିଛନ୍ତି, ପରିସ୍ଥିତି ନିର୍ବିଶେଷରେ ସମସ୍ତ ପ୍ରକାର ଶିକ୍ଷାର୍ଥି ଏଭଳି ଉନ୍ନତମାନର ଶିକ୍ଷା ବ୍ୟବସ୍ଥାର ଲାଭ ନେଇପାରିବେ । ଭାରତରେ ବର୍ତ୍ତମାନ ପ୍ରାୟ ୧୦୦ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀ ରହିଛନ୍ତି । ନୂତନ ଶିକ୍ଷାନୀତି ଅନୁଯାୟୀ ଉନ୍ନତମାନର ଶିକ୍ଷା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଲାଗି ଶ୍ରୀ ଗୋୟଲ ଡିଜିଟାଲ୍ ମାଧ୍ୟମ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶିକ୍ଷାର ରୂପାନ୍ତରୀକରଣ ଦିଗରେ ବୈଷୟିକ ଜ୍ଞାନକୌଶଳ ଭୂମିକା ଉପରେ ଆଲୋକପାତ କରି ସେ କହିଛନ୍ତି, କୋଭିଡ୍ ନାଇଣ୍ଟିନ୍

ମହାମାରୀ ଶିକ୍ଷା ଓ ବୈଷୟିକ ଜ୍ଞାନକୌଶଳ ମଧ୍ୟରେ ସଂଯୋଗ ସ୍ଥାପନ କରିଛି । ବର୍ତ୍ତମାନର ଡିଜିଟାଲ୍ ବିଶ୍ୱରେ ଗ୍ରାମାଞ୍ଚଳ ଓ ସହର ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା ଦିଗରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଅପରିହାର୍ଯ୍ୟ ବୋଲି ଶ୍ରୀ ଗୋୟଲ କହିଛନ୍ତି ।

## ଅଶ୍ୱିନୀ ବୈଷ୍ଣବ

ରେଳବାଇ କ୍ଷେତ୍ରରେ ସମଗ୍ର ଦେଶକୁ ଯୋଡ଼ିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାର ଲକ୍ଷ୍ୟ ରଖିଛନ୍ତି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆଜି ପୁରୀ ରେଳ ଷ୍ଟେସନ୍‌ଠାରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ସହିତ ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଆଜି ଶୁଭାରମ୍ଭ ହୋଇଥିବା ଏହି ଟ୍ରେନ୍ ଓଡ଼ିଶାର ଅନେକ ଜିଲ୍ଲାକୁ ପୁରୀ ସହ ସଂଯୋଗ କରିପାରିବ । ୨୦୨୯ ମସିହା ମଧ୍ୟରେ ଓଡ଼ିଶାରେ ୧ ଲକ୍ଷ କୋଟି ଟଙ୍କା ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିନିଯୋଗ କରାଯିବ ବୋଲି ୨୦୨୪ ମସିହାରେ ସରକାର ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ତଦନୁଯାୟୀ ଗତ ୨ ବର୍ଷରେ ୯୭

ହଜାର କୋଟି ଟଙ୍କା ବିନିଯୋଗ କରାଯାଇ ସାରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଏହାଛଡ଼ା ଆଜି ବ୍ରହ୍ମପୁର ରେଳ ଷ୍ଟେସନ୍‌ଠାରେ ମଧ୍ୟ ଶ୍ରୀ ବୈଷ୍ଣବ ଓ ଶ୍ରୀ ମାଝୀ ମିଳିତ ଭାବେ ବ୍ରହ୍ମପୁର–ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌ର ନିୟମିତ ଚଳାଚଳର ଶୁଭାରମ୍ଭ କରିଛନ୍ତି।

## ଗଡ଼କରୀ-ରିଭ୍ୟୁ ମିଟିଂ

ଜାତୀୟ ରାଜପଥ ଗମନାଗମନ ପରିଚାଳନା ଲିମିଟେଡ୍‌ର ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ବିଶେଷ କରି ଦେଶ ବ୍ୟାପି ଥିବା ବହୁବିଧ ଲଜିଷ୍ଟିକ୍ସ ପାର୍କ, ରୋପ୍‌ୱେ ଏବଂ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଶ୍ରୀ ଗଡ଼କରୀ ସମୀକ୍ଷା କରିଛନ୍ତି । ଏକ ଭବିଷ୍ୟତ ଉପଯୋଗୀ ତଥା ସମନ୍ୱିତ ପରବହନ ଇକୋସିଷ୍ଟମ୍ ଗଠନ କରିବା ଦିଗରେ ଏହି ରୂପାନ୍ତରୀକରଣ ପଦକ୍ଷେପଗୁଡ଼ିକର ରଣନୈତିକ ଗୁରୁତ୍ୱ ଉପରେ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକ ଦେଶ ବ୍ୟାପି ବହୁବିଧ ସଂଯୋଗୀକରଣକୁ ଅଧିକ ସଶକ୍ତ କରିବା ସହିତ ନୂତନ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିବ । ଏତଦ୍ ବ୍ୟତୀତ ଏକ

ସନ୍ତୁଳିତ ଆଞ୍ଚଳିକ ବିକାଶ ଏବଂ ଭାରତର ସାମଗ୍ରୀକ ଲଜିଷ୍ଟିକ୍ସ କ୍ଷେତ୍ରକୁ ସୁଦୃଢ଼ କରିବା ଦିଗରେ ଏହି ପ୍ରକଳ୍ପଗୁଡ଼ିକ ସହାୟକ ହେବ । ତେବେ ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଦିଗରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବା ଲାଗି ଶ୍ରୀ ଗଡ଼କରୀ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରଚାର କରାଯିବ । ଆଜିକାର ବିଷୟବସ୍ତୁ ରହିଛି **ଡିଜିଟାଲ୍ ଭାରତ-ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ନାଗରିକଙ୍କର ସଶକ୍ତିକରଣ** । ଏଥିରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଏସ୍. କ୍ରିଷ୍ଣନ୍ ଏବଂ ପୂର୍ବତନ ଜାତୀୟ ସାଇବର ସୁରକ୍ଷା ସଂଯୋଜକ ଡକ୍ଟର ଗୁଲସନ୍ ରାୟ ବିଶେଷଜ୍ଞ ରୂପେ ଯୋଗଦେଇ ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିବେ । ଏଥିପାଇଁ ଶ୍ରୋତାମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ

ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ନ୍ୟାସନାଲ୍ ୟୁଥ୍ ପାର୍ଲାମେଣ୍ଟ-ଆୱାର୍ଡ୍

ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଲାଗି ଅନୁଷ୍ଠିତ ସପ୍ତଦଶ ଜାତୀୟ ଯୁବ ସଂସଦ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଆସନ୍ତାକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ କାଶ୍ମୀର ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛି । ସଂସଦୀୟ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ସମାରୋହରେ ଯୋଗଦେଇ କୃତି ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ତଥା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିବେ ।

## ଲେବର୍-ଆୱାର୍‌ନେସ୍ ପ୍ରୋଗ୍ରାମ

ନିରନ୍ତର ସଚେତନତା କାର୍ଯ୍ୟକ୍ରମ ଓ ସଠିକ୍ ସମୟରେ ଅଭିଯୋଗଗୁଡ଼ିକର ସମାଧାନ କରିବାର ପ୍ରକ୍ରିୟା ମାଧ୍ୟମରେ ଦେଶ ବ୍ୟାପି ଶ୍ରମିକ କଲ୍ୟାଣ ବ୍ୟବସ୍ଥାକୁ ମୁଖ୍ୟ ଶ୍ରମ ଆୟୁକ୍ତ କେନ୍ଦ୍ରୀୟ ସଂଗଠନ ସଶକ୍ତ କରିବାରେ ସଫଳ ହୋଇଛନ୍ତି । ଏ ସମ୍ପର୍କରେ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ

ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଜବଲପୁର, ଭୁବନେଶ୍ୱର, ରାୟପୁର ଓ କାନ୍‌ପୁର ସମେତ ଦେଶର ବିଭିନ୍ନ ସ୍ଥାନରେ ଶ୍ରମିକମାନଙ୍କର ଅଧିକାରକୁ ଶ୍ରମ ନିୟମ ଅନୁଯାୟୀ ସୁରକ୍ଷିତ ରଖିବା ଦିଗରେ ସଂଗଠନ ନିଜର ପ୍ରତିବଦ୍ଧତା ଜାହିର କରିଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ମଧ୍ୟ ମୁଖ୍ୟ ଶ୍ରମ ଆୟୁକ୍ତ କେନ୍ଦ୍ରୀୟ ସଂଗଠନ ପକ୍ଷରୁ ଭାରତୀୟ ଗ୍ୟାସ୍ ପ୍ରାଧିକରଣ ଲିମିଟେଡ୍‌ରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କର ବହୁଦିନରୁ ପଡ଼ିରହିଥିବା ଅଭିଯୋଗଗୁଡ଼ିକର ସଫଳତାର ସହ ସମାଧାନ କରାଯାଇପାରିଛି । ତୃଣମୂଳ ସ୍ତରରେ ଶ୍ରମ ଆଇନ୍‌ଗୁଡ଼ିକୁ ସଫଳତାର ସହ କାର୍ଯ୍ୟକାରୀ କରିବା ସହିତ ଏ ଦିଗରେ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ସରକାରଙ୍କ ସଫଳ ପ୍ରଚେଷ୍ଟା ପ୍ରତିଫଳିତ ହେଉଛି ବୋଲି ମନ୍ତ୍ରଣାଳୟ କହିଛି ।

## ଫିଫା

ଫିଫା ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ରାଉଣ୍ଡ ଅଫ୍ 16ରେ  ଆଜିକାର ମ୍ୟାଚ୍‌ରେ ପର୍ତ୍ତୁଗାଲ’ ସ୍ୱେନ୍‌କୁ ଭେଟିବ । ଆଜି ରାତିରେ ଏହି ମ୍ୟାଚ୍ ଆମେରିକାର ଆର୍ଲିଂଟନ୍ ଠାରେ ଅନୁଷ୍ଠିତ ହେବ । ଏହି ରାଉଣ୍ଡର ଆସନ୍ତାକାଲି ସକାଳେ ଅନୁଷ୍ଠିତ ହେବାକୁ ଥିବା ଅନ୍ୟ ଏକ ମ୍ୟାଚ୍‌ରେ ଯୁକ୍ତରାଷ୍ଟ୍ର ଆମେରିକା ଓ ବେଲ୍‌ଜିୟମ୍ ମଧ୍ୟରେ ମୁକାବିଲା ହେବ ।

ଇତିମଧ୍ୟରେ ଇଂଲଣ୍ଡ, ନରୱେ, ମରକ୍କୋ ଓ ଫ୍ରାନ୍ସ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇସାରିଛନ୍ତି ।